# Akashvani, Sambalpur

## SAMBALPURI NEWS EVENING BULLETIN

**7 January 2026 - 7.02 pm- 7.12 pm.**

*********************************************

୧- ରାଏଜେ ବିଶ୍ୱସ୍ତରର୍ ଶୈକ୍ଷିକ୍ ପରିବେଶ୍ ଯୁଗେଇ ଦେବାର୍ ଲାଗି ସର୍କାର୍ ସଂକଳ୍ପ ବଦ୍ଧ କହେଲେ ମୁଖ୍ୟମନ୍ତ୍ରୀ ।

- ଶହେ ୧୮ ଟା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର୍ କଲେ ଭିତିପ୍ରସ୍ତର୍ ଥାପ୍‌ନା ।

୨- ରାଏଜେ ଆଏବା ଏପ୍ରିଲ୍ ମାସୁ ମୁଲ୍ ହେବା ପହେଲା ଖେପ୍ ଜନଗଣନା ।

୩- ୧୯ ଟା ଜିଲ୍ଲା ନ ସ୍ୱାଭାବିକ୍ ଭାବେ ଚାଲିଛେ ଧାନ୍ ଘିନା- କହେଲେ ଯୋଗାଣମନ୍ତ୍ରୀ ।

ଆଉର୍

୪- ସାରା ରାଏଜେ ଲାଗି ରହିଛେ ଜାଡ଼୍ ।

- ଶିମିଲିପାଲ୍ ନ ରେକର୍ଡ଼ ହେଲା ଶୂନ୍ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରା ।

ମୁଖ୍ୟମନ୍ତ୍ରୀ-ଗୋଦାବରିଶ ବିଦ୍ୟାଳୟ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକେ ଉନ୍ନତ୍ କର୍‌ବାର୍ ସହେତେ ସବୁ ଛୁଆକୁ ବିଶ୍ୱସ୍ତରର୍ ଶୈକ୍ଷିକ୍ ପରିବେଶ୍ ଯୁଗେଇ ଦେବାର୍ ଲାଗି ସର୍‌କାର୍ ସଂକଳ୍ପ ବଦ୍ଧ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଖୋର୍ଦ୍ଧା ଜିଲ୍ଲା ବାଣପୁର୍ ପଲ୍‌ପଟ୍ ପଡ଼ିଆ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ରାଜ୍ୟର୍ ଶହେ ୧୮ ଟା ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର୍ ଭିତିପ୍ରସ୍ତର୍ ଥାପ୍‌ନା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମାଜ୍ ସଂସ୍କାରକ୍ ଆଉ ଶିକ୍ଷାବିତ୍ ପଣ୍ଡିତ୍ ଗୋଦାବରିଶ୍ ମିଶ୍ରଙ୍କର୍ ଜୀବନ୍ ଆଦର୍ଶ ଉପ୍‌ରେ କହିଛନ୍ । ଜାତୀୟ ଶିକ୍ଷାନୀତି - ୨୦୨୦କେ ଆଧାର୍ କରିକରି ତିଆର୍ ହେଇଥିବା ଇ ଯୋଜ୍‌ନା ବିକଶିତ୍ ଓଡ଼ିଶାର୍ ଶିକ୍ଷା ସାଧନ୍ ଭାବେ ଗ୍ରାମାଂଚଲ୍ ନ ଗୁଣାତ୍ମକ୍ ଶିକ୍ଷା ଯୁଗାବାର୍ ସହେତେ ଛାତ୍ରଛାତ୍ରୀଙ୍କର୍ ଦକ୍ଷତା ବିକାଶ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମକା ନେବା । ଆଏବା ୫ ମାସ୍ ଭିତ୍‌ରେ ୨ ହଜାର୍‌ନୁ ଅଏତ୍‌କା ବିଦ୍ୟାଳୟର୍ ନିର୍ମାଣ୍ ସଙ୍ଗେ ୨୦୨୮ - ୨୯ ମସିହା ଭିତ୍‌ରେ ୨୨ ଶହ ପ୍ରାଥମିକ ବିଦ୍ୟାଳୟକେ ପୂର୍ଣ୍ଣାଙ୍ଗ କରାଯିବା । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜ୍‌ନାଥି

ରାଜ୍ୟର୍ ୭ ଶହ ୬୨ ଟା ଯୋଜ୍‌ନାକେ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ୍ କରାଯାଇକରି ପିଏମ୍‌ଶ୍ରୀ ସ୍କୁଲ୍ ନାଁ ରଖାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ -ଭଗବତୀ ପୀଠ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ବାଣପୁର୍ ଗସ୍ତ ଅବ୍‌ସରେ ସେନର୍ ଆରାଧ ଦେବୀ ମା ଭଗ୍‌ବତୀଙ୍କର୍ ଦର୍ଶନ୍ କରିକରି ପୀଠର୍ ଉନ୍ନତି ଆଉ ସୌନ୍ଦର୍ଯ୍ୟୀକରଣ୍ କାମ୍‌ର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ସୂଚ୍‌ନା ଅନ୍‌ସାରେ ୨୬ କୋଟି ଟଙ୍କା ଖର୍ଚ୍ଚାଥି ପୀଠର୍ ଉନ୍ନତି କାମ୍ ଇହାଦେ ଚାଲିଛେ । ଇଥି ମନ୍ଦିର୍ ପରିକ୍ରମା, ଭକ୍ତ ଆଉ ପର୍ଯ୍ୟଟକ୍ ମାନ୍‌କର୍ ସୁବିଧା କେନ୍ଦ୍ର ଯଜ୍ଞ ମଣ୍ଡପ୍, ପାର୍କିଂ ବ୍ୟବସ୍ଥା, ମୁଖ୍ୟମନ୍ଦିର୍ ଆଉ ପାର୍ଶ୍ୱ ଦେବାଦେବୀ ମନ୍ଦିର୍‌ର ସୌନ୍ଦର୍ଯ୍ୟକରଣ୍ କରାଯାଇଛେ । ମନ୍ଦିର୍‌ର ଉନ୍ନତିକରଣ୍ ଲାଗି ଅର୍ଥର୍ ଅଭାବ୍ ନାଇଁନ । ଦର୍‌କାର୍ ପଡ୍‌ଲେ ଆହୁରି ଅର୍ଥ ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ଜନଗଣନା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଏବା ଏପ୍ରିଲ୍ ମାସୁ ପହେଲା ଖେପ୍ ଜନଗଣନା ମୁଲ୍ ହେବା । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉନ୍ନୟନ କମିଶନର୍ ଦେଓରଞ୍ଜନ୍ ସିଂ ଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ସମନ୍ୱୟ କମିଟିର୍ ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍ ଉତ୍‌ରୁ ଜନଗଣନା ନିର୍ଦ୍ଦେଶକ ନିଖିଲ୍ ପଓ୍ୱନ୍ କଲ୍ୟାଣ୍ କହିଛନ୍, ପହେଲା ଖେପେ ଘର୍ ଆଉ ଭିନ୍ ଭିନ୍ ଦରବ୍‌ର ଗନ୍‌ତି କରାଯିବା । ୨୦୨୭ ଫେବୃଆରୀ ମାସେ ୨ ନମ୍ବର୍ ଖେପେ ଘର୍ ଘର୍ ବୁଲିକରି ଜନଗଣନା କରାଯିବା । ଇଥିର୍‌ଲାଗି ଜନଗଣନା ଅଧିକାରୀ ନିଯୁକ୍ତ ହେବେ ବଲି ଶ୍ରୀ କଲ୍ୟାଣ୍ କହିଛନ୍ ।

(ଭଏସ୍ ଓଭର୍- ନିଖିଲ୍ ପଓ୍ୱନ୍ କଲ୍ୟାଣ୍)

ଇଚ୍ଛୁକ୍ ଲୁକେ ନିଜର୍ ତଥ୍ୟ ଓ୍ୱେବ୍‌ସାଇଟ୍‌ଥି ପଞ୍ଜିକରଣ୍ କରିପାର୍‌ବେ । ସବୁ ପ୍ରକ୍ରିୟା ମୋବାଇଲ୍ ନମ୍ବର୍‌ଥି ଓଟିପି ଆଧାର୍‌ଥି କରାଯିବା ବଲି ଶ୍ରୀ କଲ୍ୟାଣ୍ କହିଛନ୍ ।

ଆୟୁଷ୍ମାନ୍ ଭାରତ୍ ଡିଜିଟାଲ୍ ମିଶନ        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଏଜେ ଖୋବ୍ ଜଲ୍‌ଦି ଆୟୁଷ୍ମାନ୍ ଭାରତ୍ ଡିଜିଟାଲ୍ ମିଶନ୍ କାର୍ଯ୍ୟକାରୀ କରାଯିବା । କେନ୍ଦୁଝର୍ ଜିଲ୍ଲା ନ ପହେଲା କରି ପାଇଲଟ୍ ପ୍ରୋଗ୍ରାମ୍ ଭାବେ ଇଟାକେ ମୁଲ୍ କରାଯିବା ।

ଯୋଜ୍ନାର୍ ସଫଲତା ଦେଖିକରି ସାରା ରାଏଜେ ଇତାକେ କାର୍ଯ୍ୟକାରୀ କରାଯିବା । ଇ ବାବ୍ଦେ ଗଲାକାଏଲ୍ ସ୍ୱାସ୍ଥ୍ୟ ବିଭାଗ୍ର ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଆୟୁଷ୍ମାନ୍ ଭାରତ୍ ଡିଜିଟାଲ୍ ମିଶନ୍ କାର୍ଯ୍ୟକାରୀ ହେଲେ ଡାକ୍ତର୍ମାନ୍କର୍ ଆପଏଂଟ୍ମେଂଟ୍, ବୁକିଂ, ରେଫରାଲ୍ ଆଉ ଫଲୋଅପ୍ ବ୍ୟବସ୍ଥା ବାଗିର୍ ସବୁ କାମ୍ ଡିଜିଟାଲ୍ ମାଧ୍ୟମ୍ରୁ କରାଯିବା ।

ରାଏଜେ ଆୟୁଷ୍ ଉଷୋକଷାର୍ ପ୍ରଚାର୍ ପ୍ରସାର୍ ଲାଗି ଆୟୁଷ୍ ଡାକ୍ତର୍ମାନେ ଖାଲି ଆୟୁର୍ବେଦିକ୍ ଉଷୋକଷା ହିଁ ଲେଖିପାର୍ବେ । କେନ୍ସି ଏଲୋପାଥି ଉଷୋ ଲାଗି ପରାମର୍ଶ ଦେଇ ନାଇଁପାରନ୍ । ଇତାର୍ସହେତେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ମାନ୍କେ ଆୟୁର୍ବେଦିକ୍ ଆଉ ହୋମିଓପାଥି ମେଡ଼ିସିନ୍ ରଖିବାର୍ ଲାଗି ମୁଖ୍ୟମନ୍ତ୍ରୀ ବୈଠକ୍ରୁ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଶା ସ୍କିଲ୍ ଉଦ୍ଘାଟିତ୍ I&PR

ଭୁବ୍ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ଓଡ଼ିଶା ସ୍କିଲ୍ ୨୦୨୫-୨୬ ଉଦ୍ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍କେ ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଉଦ୍ଘାଟନ୍ କରିକରି କହିଛନ୍, ଦକ୍ଷ ଯୁଆନ୍ ପିଢ଼ି ହେଉଛନ୍ ବିକଶିତ୍

ଓଡ଼ିଶାର୍ ମୁଳଦୁଆ । ଦକ୍ଷତା ବିକାଶ୍ ରାଜ୍ୟର୍ ସାମାଜିକ୍ ଆଉ ଅର୍ଥନୈତିକ୍ ରୂପାନ୍ତରଣ୍‌ର ମୁଖ୍ୟ ଅଂଶ ଆଏ । ଓଡ଼ିଶା ସ୍କିଲ୍ ଖାଲି ଗୁଟେ ପ୍ରତିଯୋଗିତା ନୁହେଁ, ଇଟା ଯୁବ ପ୍ରତିଯୋଗୀମାନ୍‌କର୍ ଭିତ୍‌ରେ ଶୃଙ୍ଖଳା, ଆତ୍ମବିଶ୍ୱାସ୍, ସୃଜନଶୀଳତା ଆଉ ଉକର୍ଷ ମନୋଭାବ୍ ବଢ଼ାସି ବଲି ଶ୍ରୀ ସ୍ୱାଇଁ କହିଛନ୍ । ସୂଚ୍‌ନା ଅନ୍‌ସାରେ ଇ ବଛର୍ ରାଜ୍ୟର୍ ୧୦ ଟା ପ୍ରମୁଖ୍ ଜାଗା ନ ଓଡ଼ିଶା ସ୍କିଲ୍ ପ୍ରତିଯୋଗିତା ଆୟୋଜନ୍ କରାଯାଉଛେ । ଇଥିର୍ ବିଜେତାମାନ୍‌କୁ ମୁଖ୍ୟମନ୍ତ୍ରୀ ଆକାଂକ୍ଷା ଯୋଜ୍‌ନାଥି ପୁରସ୍କୃତ୍ କରାଯିବା ।

ଧାନ୍ ଯୋଗାଣ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୧୯ ଟା ଜିଲ୍ଲା ନ ସ୍ୱାଭାବିକ୍ ଭାବେ ଧାନ୍ ଘିନା ପ୍ରକ୍ରିୟା ଚାଲିଛେ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ମିଲର୍ସ ମାନ୍‌କର୍ ଦାବି ବାବ୍‌ଦେ ଗଲାକାଏଲ୍ ମିଲର୍ ସଂଘ ସହେତେ ଆଲୋଚନା ହେଇଥିଲା । ଇ ଅବ୍‌ସରେ ସର୍‌କାର୍ ବିଚାର୍ ବିମର୍ଶ କରିକରି ସେମାନ୍‌କର୍ ଦାବି ଉପ୍‌ରେ ପଦକ୍ଷେପ୍ ନେବାର୍‌କେ କିଛି ସମିଆ ମାଗିଛନ୍ । ୧୯ ଟା ଜିଲ୍ଲା ନ ଏବ୍‌ତକ୍ ୩ ଲାଖ୍ ୧୫ ହଜାର୍ ୪ ଶହ ୩୧ ଝନ୍ ଚାଷୀଙ୍କର୍ ଠାନୁ ୧୩ ଲାଖ୍ ୯୩ ହଜାର୍ ୮ ଶହ ୬୭ ଟନ୍ ଧାନ୍ ଘିନା ଯାଇଛେ । ସେଥିର୍‌ଭିତ୍‌ରୁ ୧୩ ଲାଖ୍ ୫୯

ହଜାର୍ ୯ ଶହ ୭୪ ଟନ୍ ଧାନ୍ ମିଲର୍ସ ମାନେ ଉଠେଇଛନ୍ । ଏବ୍‌ତକ୍ ଚାଷୀମାନ୍‌କୁ ୮ ଶହ ୯୧ କୋଟି ୫୮ ଲାଖ୍ ଟଙ୍କା ଇନ୍‌ପୁଟ୍ ସବ୍‌ସିଡ଼ି ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ମାଘ୍ ମାସର୍ ଅନ୍ଧାର୍ ପଖର୍ ଚତୁର୍ଥୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ଚାଲିଛେ । ୨ ନମ୍ବର୍ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ନୀତି ମୁଲ୍ ହେଇଥିଲା । ଇଥିର୍‌ଲାଗି ଉପର୍‌ବେଲା ୫ ନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ ରହିଛେ ।

ଶ୍ରୀରାମ- ପଂଚରତ୍ନ ଧନୁ ନୂଆପଡ଼ା ସମ୍ବାଦଦାତା

ଆଏବା ୨୨ ତାରିଖ୍ ଦିନ ହେବାର୍‌କେ ଥିବା ଅଯୋଧ୍ୟା ଶ୍ରୀରାମ୍ ମନ୍ଦିର୍ ଥାପ୍‌ନା ଦିବସ୍ ଅବ୍‌ସରେ ଓଡ଼ିଶା ସନାତନ ଜାଗରଣ୍ ମଂଚ୍ ତର୍‌ଫୁ ୨ ଶହ ୮୫ କେଜି ପଂଚରତ୍ନ ଧନୁ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ୍ କରାଯିବା । ଗଲା ୨ ତାରିଖ୍ ନୁ ରାଉର୍‌କେଲା

ହନୁମାନ୍ ବାଟିକାନୁ ବାହାରିଥିବା ଇ ଧନୁକେ ଅଯୋଧ୍ୟାକେ ନିଆଯାଉଛେ ।

ଫଂଚରତ୍ନ ଧନୁ ଆଏଜ୍ ନୂଆପଡ଼ା ଜିଲ୍ଲାକେ ପୁହୁଁଚିଛେ । ଇ ଅବ୍‌ସରେ ନୂଆପଡ଼ା ସହରେ ଧନୁ ରଥକେ ସ୍ୱାଗତ୍ କରାଯିବାର୍ ସହେତେ ଗୁଟେ ଶୋଭାଯାତ୍ରାଥି ସହର୍ ପରିକ୍ରମା କରାଯାଇଥିଲା । ନୂଆପଡ଼ା ଆଉ ଖଡ଼ିଆଲ୍ ଦେଇକରି ରଥ ଆଏଜ୍ କଲାହାଣ୍ଡି ଜିଲ୍ଲାକେ ଯାତ୍ରା କରିଛେ ।

ପାଣି ଫଂଚାୟତ୍ ପକ୍ଷ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କ୍ଷୁଦ୍ର ଜଲ୍‌ସେଚନ୍ ବିଭାଗ୍ ତର୍‌ଫୁ ବିଭାଜନ୍‌ସ୍ତରୀୟ ପାଣି ଫଂଚାୟତ୍ ପକ୍ଷ ପାଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଅତିଥି ମାନେ ପାଣି ଫଂଚାୟତ୍‌ର ମହତ୍ୱ ବାବ୍‌ଦେ ବୁଝେଇଥିଲେ ।

ନୂଆପଡ଼ା-ମଡ଼ିଆମଣ୍ଡି ଉଦ୍‌ଘାଟିତ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏଜ୍ ଶ୍ରୀଅନ୍ନ ଯୋଜ୍ନା ଅଧୀନ୍ଥି ମଡ଼ିଆ ଘିନା ମୁଲ୍ ହେଇଛେ । ଜିଲ୍ଲାର୍ ଦର୍ଲିମୁଣ୍ଡା ପଂଚାୟତ୍ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମଡ଼ିଆ ମଣ୍ଡିକେ ଉଦ୍ଘାଟନ୍ କରିଛନ୍ । ପହେଲା ଦିନେ ଆଏଜ୍ ୬୪ ଝନ୍ ଚାଷୀଙ୍କର୍ ଠାନୁ ଶହେ ୫୨ କ୍ୱିଂଟାଲ୍ ୩୪ କେଜି ମଡ଼ିଆ ଘିନାଯାଇଛେ । ମଡ଼ିଆ ଘିନା ବ୍ୟବସ୍ଥା ଠିକ୍ ଭାବେ କର୍ବାର୍ ସହେତେ ଚାଷୀମାନ୍କର୍ ସୁବିଧାକେ ଧ୍ୟାନ୍ ଦେବାର୍ ଲାଗି ଇ ଅବ୍ସରେ ଜିଲ୍ଲାପାଲ୍ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

## ସଡ଼କ ସୁରକ୍ଷା-କମିଟି ବୈଠକ ବରଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ଆଏଜ୍ ସଡ଼କ ସୁରକ୍ଷା ବାବଦ୍ ସଂସଦୀୟ କ୍ଷେତ୍ରର୍ କମିଟି ବୈଠକ୍ ହେଇଯାଇଛେ । ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍, ଆରକ୍ଷୀ ଅଧିକ୍ଷକ୍ ପ୍ରହ୍ଲାଦ୍ ସହାୟ ମୀନା, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଭିନ୍ ଭିନ୍ ବିଭାଗ୍ର ଅଧିକାରୀ, ଜନପ୍ରତିନିଧି ଆଉ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ୍ ଥିଲେ । ଇ ଅବ୍ସରେ ପରିବହନ୍ ବିଭାଗ୍ ତର୍ଫୁ ନିଆଯାଇଥିବା ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା । ସଡ଼କ୍ ଦୁର୍ଘଟଣାକେ ଆଏତ୍

କର୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେବାର୍‌କେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ବାଲ୍ୟବିବାହ ସଚେତନତା ବୌଦ୍ଧ ସମ୍ବାଦଦାତା

ହର୍‌ଭଙ୍ଗା ବ୍ଲକ କରଞ୍ଜକଟା ଠାନେ ବାଲ୍ୟବିବାହକେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଥିଲା । ଇ ଅବ୍‌ସରେ ଅତିଥି ମାନେ ବାଲ୍ୟବିବାହର୍ କୁପରିଣାମ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରିଥିଲେ । ବାଲ୍ୟବିବାହ ରୁକ୍‌ବାର୍ ଲାଗି ଛାତ୍ରଛାତ୍ରୀ ଆଉ ଶିକ୍ଷକ୍ ଶିକ୍ଷୟିତ୍ରୀମାନେ ଶପଥ୍ ପାଠ୍ କରିଥିଲେ ।

କନ୍ୟା ଭ୍ରୁଣ ହତ୍ୟା ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ କନ୍ୟା ଭ୍ରୁଣ ହତ୍ୟା ଆଉ ଲିଙ୍ଗ ନିରୂପଣ ସଚେତନତା ରଥକେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ଭିନ୍ ଭିନ୍ ଗାଁକେ ଯାଇକରି କନ୍ୟା ଭ୍ରୁଣ ହତ୍ୟାକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବା ।

ଜାତୀୟ ଆୟ ଭିତିକ ମେଧାବୃତି ପରୀକ୍ଷା/ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଆଉ ରାଜ୍ୟ ଶିକ୍ଷା ଗବେଷଣା ପରିଚାଳନା ଜାତୀୟ ଆୟ ଭିତିକ ମେଧାବୃତି ପରୀକ୍ଷା ଫେବୃଆରୀ ୧ ତାରିଖ୍‌ନୁ ହେବା । ଛାତ୍ରଛାତ୍ରୀମାନେ ଜାନୁଆରୀ ୨୩ ନୁ ପ୍ରତିଷ୍ଠାନ୍‌ର ୱେବ୍‌ସାଇଟ୍‌ନୁ ଏଡ୍‌ମିଟ୍ କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ । ଯେନ୍ ଛାତ୍ରଛାତ୍ରୀ ଜାତୀୟ ଆୟଭିତିକ ମେଧାବୃତି ପରୀକ୍ଷା ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କରିକରି ଯୋଗ୍ୟତା ପାଇଛନ୍ ସେମାନେ ହିଁ ପରୀକ୍ଷା ଦେଇପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ରାଏଜେ ଜବର୍ ଥଣ୍ଡା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଆହୁରି ଶୀତ୍ ବଢ଼୍‌ବା । ଇ ସମିଆଥି ଜବର୍ ଶୀତ୍‌କେ ନେଇକରି ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ୬ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ୨୨ ଟା ଜିଲ୍ଲାକେ କୁହୁଡ଼ି ଲାଗି ସତର୍କ କରାଯାଇଛେ । ଗଲାରାତି ରାଜ୍ୟର୍ ସବୁନୁ କମ୍ ତାପମାତ୍ରା

ଶିମିଲିପାଲ୍ ନ ଶୂନ୍ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ବଲି ଆର୍ସିସିଏଫ୍ କାର୍ଯ୍ୟାଲୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସେଆଡ଼େ ଦକ୍ଷିଣ ପୂର୍ବ ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଆଏଜ୍ ଅବପାତଥି ବଦ୍ଲିଛେ । ଆଏବା ୨୪ ଘଂଟା ଭିତ୍ରେ ଆହୁରି ବର୍କସ୍ ହେଇକରି ଗଭୀର ଅବପାତ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।